# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

**06th June - 2024**

**News Editor : *Tapan Kumar Maharana***

**********************************

## ମୁଖ୍ୟ ସମ୍ବାଦ

- ରାଜ୍ୟର ନିର୍ବାଚନ ଫଳାଫଳ ରିପୋର୍ଟ ରାଜ୍ୟପାଳଙ୍କୁ ପ୍ରଦାନ କଲେ ମୁଖ୍ୟ ନିର୍ବାଚନ ଅଧିକାରୀ ।

— ନୂଆଦିଲ୍ଲୀ ଗସ୍ତରେ ନବ ନିର୍ବାଚିତ ବି.ଜେ.ପି. ସାଂସଦ; ଆସନ୍ତାକାଲି ସଂସଦୀୟ ଦଳ ବୈଠକରେ ଯୋଗଦେବେ ।

- ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକ୍ଷମ ରହିଛି; ସ୍ପଷ୍ଟ କଲେ ମୁଖ୍ୟ ଶାସନ ସଚିବ ।

- ରାଜ୍ୟର କୋର୍ଟଗୁଡ଼ିକରେ ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହେବ ଇ-ଫାଇଲିଂ ବ୍ୟବସ୍ଥା ।

ଏବଂ

- ରାଜ୍ୟର ପୁରପଲ୍ଲୀରେ ନିଷ୍ଠା ଓ ଶ୍ରଦ୍ଧାର ସହ ପାଳିତ ହେଉଛି ସାବିତ୍ରୀ ବ୍ରତ ।

*Desk*

# ରାଜ୍ୟପାଳ - ନିର୍ବାଚନ ଫଳାଫଳ

ରାଜ୍ୟରେ ହୋଇଥିବା ସାଧାରଣ ନିର୍ବାଚନ ଫଳାଫଳ ସମ୍ପର୍କରେ ରାଜ୍ୟପାଳ ରଘୁବର ଦାସଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ରିପୋର୍ଟ ପ୍ରଦାନ କରିଛନ୍ତି । ଶ୍ରୀ ଧଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀଙ୍କ ସହ ରାଜଭବନ ଯାଇ ରାଜ୍ୟପାଳଙ୍କୁ ନିର୍ବାଚନୀ ଫଳାଫଳ ସମ୍ପର୍କିତ ରିପୋର୍ଟ ପ୍ରଦାନ କରିଛନ୍ତି ।

*HS*

# ନିର୍ବାଚିତ ସାଂସଦ - ଦିଲ୍ଲୀ ଗସ୍ତ

ଓଡ଼ିଶାରୁ ନିର୍ବାଚିତ ହୋଇଥିବା ବି.ଜେ.ପି. ସାଂସଦମାନେ ଆଜି ଦିଲ୍ଲୀ ଗସ୍ତ କରିବେ । ଆସନ୍ତାକାଲି ବି.ଜେ.ପି.ର ସଂସଦୀୟ ଦଳର ବୈଠକ ହେବ । ଏହି ନିର୍ବାଚିତ ସାଂସଦମାନେ ବୈଠକରେ ଯୋଗଦେବେ । ଏହାଛଡ଼ା ପ୍ରଧାନମନ୍ତ୍ରୀଙ୍କ ଶପଥଗ୍ରହଣ ଉତ୍ସବରେ ସାଂସଦମାନେ ଯୋଗଦେବେ ବୋଲି ଜଣାପଡ଼ିଛି ।

*Desk*

# ନୂତନ ସାଂସଦ

ଅଷ୍ଟାଦଶ ଲୋକସଭାର ନିର୍ବାଚିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ପାଇଁ ଲୋକସଭା ସଚିବାଳୟ ପ୍ରସ୍ତୁତ ଥିବା ଏକ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛି । ଏହି ବିଜ୍ଞପ୍ତିରେ କୁହାଯାଇଛି, ସଦସ୍ୟମାନଙ୍କୁ ସ୍ୱାଗତ କରିବା ଏବଂ ସୁରୁଖୁରୁରେ ପଞ୍ଜିକରଣ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ଲୋକସଭା ସଚିବାଳୟ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛି । ସଚିବାଳୟ ପକ୍ଷରୁ ପ୍ରତ୍ୟେକ ସଦସ୍ୟଙ୍କୁ ଭାରତୀୟ ସମ୍ବିଧାନ, ନିୟମ ଏବଂ ନିର୍ଦ୍ଦେଶନାମା ସମ୍ବନ୍ଧୀୟ ଉପଯୋଗୀ ପ୍ରକାଶନର ନକଲ ପ୍ରଦାନ କରାଯିବ । ନବନିର୍ବାଚିତ ସଦସ୍ୟମାନଙ୍କ ସୁବିଧା ପାଇଁ ବିମାନ ବନ୍ଦର ଏବଂ ରେଳ ଷ୍ଟେସନ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଲୋକସଭା ସଚିବାଳୟ ପକ୍ଷରୁ କୁହାଯାଇଛି ।

*Desk*

# ଏନ୍.ଡି.ଏ. ଇନିସିଏଟ୍‌ସ୍

କେନ୍ଦ୍ରରେ ନୂତନ ସରକାର ଗଠନ ପାଇଁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍‌ଡିଏ ପ୍ରକ୍ରିୟା ଆରମ୍ଭ କରିଛି । ସର୍ବସମ୍ମତି କ୍ରମେ ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏନ୍.ଡି.ଏ.ର ନେତା ଭାବେ ମନୋନୀତ କରିବା ପରେ ମେଣ୍ଟ ପକ୍ଷରୁ ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଛି । ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଗତକାଲି

ଅନୁଷ୍ଠିତ ଏନ୍‌ଡିଏ ନେତାଙ୍କ ବୈଠକରେ ଗତ ୧୦ବର୍ଷର ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ. ସରକାର ଅମଳରେ ଦେଶର ବିଭିନ୍ନ କ୍ଷେତ୍ରରେ ଉନ୍ନତିକୁ ପାଥେୟ କରି ପ୍ରସ୍ତୁତ ସଂକଳ୍ପ ପାରିତ ହୋଇଛି । ପୂର୍ବଭଳି ଦେଶରେ ବିକାଶର କାର୍ଯ୍ୟକୁ ଆଗେଇନେବା ଏବଂ ବିଶ୍ୱରେ ଭାରତର ଗୌରବକୁ ବଢ଼ାଇବା ଲାଗି ଶ୍ରୀ ମୋଦୀଙ୍କ ନେତୃତ୍ୱକୁ ଏନ୍‌ଡିଏ ଦଳର ନେତାମାନେ ପୂର୍ଣ୍ଣ ସହମତି ପ୍ରଦାନ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଅମିତ ଶାହା, ତେଲୁଗୁଦେଶମ ପାର୍ଟି ମୁଖ୍ୟ ଚନ୍ଦ୍ରବାବୁ ନାଇଡୁ, ଜନତାଦଳ ୟୁନାଇଟେଡ୍ ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଶିବସେନା ସିନ୍ଦେଗ୍ରୁପ୍ ନେତା ତଥା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ, ଲୋକ ଜନଶକ୍ତି ପାର୍ଟି (ରାମବିଳାସ) ମୁଖ୍ୟ ଚିରାଗ ପାଶଓ୍ୱାନଙ୍କ ସମେତ ଅନ୍ୟାନ୍ୟ ସହଯୋଗୀ ଦଳର ନେତା ଉପସ୍ଥିତ ଥିଲେ ।

***Desk***

# ବି.ଏସ୍.କେ.ୱାଇ ଯୋଜନା

ରାଜ୍ୟରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କାର୍ଯ୍ୟକ୍ଷମ ଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ପଷ୍ଟୀକରଣ ଦେଇଛି । ଏକ ଟ୍ୱିଟ୍ ଜରିଆରେ ବିଭାଗ କହିଛି, ଏହି ଯୋଜନାର ହିତାଧିକାରୀମାନେ ପୂର୍ବଭଳି ନଗଦ ବିହୀନ ସ୍ୱାସ୍ଥ୍ୟସେବା ପାଇପାରିବେ । ଏଥିରେ ପଞ୍ଜିକୃତ ଡାକ୍ତରଖାନାଗୁଡ଼ିକ ହିତାଧିକାରୀମାନଙ୍କୁ ସେବା ଯୋଗାଇବା ଲାଗି ସଚେତନ କରାଯାଉଥିବା

ବିଭାଗ କହିଛି । ଡାକ୍ତରଖାନାଗୁଡ଼ିକୁ ମାଗଣା ସ୍ୱାସ୍ଥ୍ୟସେବା ଯୋଜନାରେ ସମସ୍ତ ଖର୍ଚ୍ଚ ରାଜ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ପ୍ରଦାନ କରାଯିବ ବୋଲି କୁହାଯାଇଛି । ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏକ ଭିଡ଼ିଓ ବାର୍ତ୍ତା ଜରିଆରେ ବି.ଏସ୍.କେ.ୱାଇ. ଯୋଜନାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି ଏବଂ ଏଥିରେ କୌଣସି ଡାକ୍ତରଖାନା ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଗତକାଲି କେତେକ ଗଣମାଧ୍ୟମରେ ଡାକ୍ତରଖାନାଗୁଡ଼ିକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ଼ ଗ୍ରହଣ କରୁ ନ ଥିବା ନେଇ ଗୁଜବ ସୃଷ୍ଟି ହେବା ପରେ ରାଜ୍ୟ ବି.ଜେ.ପି. ସଭାପତି ମନମୋହନ ସାମଲ ଏହାକୁ ଖଣ୍ଡନ କରିଥିଲେ । ସେ କହିଥିଲେ, ନିରନ୍ତର ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ କୌଣସି ଅସୁବିଧା ସୃଷ୍ଟି ହେବ ନାହିଁ ।

***BBSR, Dhenkanal/R***

## ହାତୀ ଗଣନା

ରାଜ୍ୟରେ ହାତୀସଂଖ୍ୟା ୨ ହଜାର ୯୮କୁ ବୃଦ୍ଧି ପାଇଛି । ଗତ ସନ୍ଧ୍ୟାରେ ହାତୀ ଗଣନା ନେଇ ପ୍ରକାଶ ପାଇଥିବା ରିପୋର୍ଟରେ ଅନୁଗୁଳ ସର୍କଲ୍‌ରେ ସର୍ବାଧିକ ୭ ଶହ ଅଣାଅଶୀଟି ହାତୀ ଠାବ କରାଯାଇଛି । ବନ୍ୟପ୍ରାଣୀ ପି.ସି.ସି.ଏଫ୍. ସୁଶାନ୍ତ ନନ୍ଦ କହିଛନ୍ତି, ରାଜ୍ୟରେ ଚଳିତ ଥର ୨୮ଟି ଜିଲ୍ଲା ୩୮ଟି ବନଖଣ୍ଡରେ ହାତୀ ଗଣନା କରାଯାଇଥିଲା । ୨୦୧୭ ମସିହାରେ ହାତୀସଂଖ୍ୟା ୧ ହଜାର ୯୭୬ ଥିବାବେଳେ ୭ ବର୍ଷ ମଧ୍ୟରେ ୧୨୨ଟି ହାତୀ ବୃଦ୍ଧି ପାଇଛି । ଏବେ ଏହି ହାତୀଗୁଡ଼ିକ ମଧ୍ୟରୁ ୪୭୪ଟି

ଦନ୍ତା, ୧ ହଜାର ୩୦ଟି ମାଇ ହାତୀ ଏବଂ ୫୯୪ଟି ହାତୀଛୁଆ ଅଛନ୍ତି । ସେହିପରି ବାରିପଦାରେ ୪୩୧, ରାଉରକେଲାରେ ୩୧୧ ଏବଂ କୋରାପୁଟ ସର୍କଲ୍‌ରେ ସର୍ବନିମ୍ନ ୩୩ଟି ହାତୀ ଥିବା ଜଣାପଡ଼ିଛି ।

ଢେଙ୍କାନାଳ ଜିଲ୍ଲାରେ ହାତୀ ବସବାସ ପାଇଁ ସବୁଠାରୁ ଅନୁକୂଳ ପରିବେଶ ରହିଥିବା ବନବିଭାଗ ସୂଚନା ଦେଇଛି । ଗତ ୭ ବର୍ଷ ମଧ୍ୟରେ ଜିଲ୍ଲାରେ ହାତୀସଂଖ୍ୟା ବୃଦ୍ଧି ପାଇ ୨ଶହ ଅଣଚାଳିଶିରେ ପହଞ୍ଚିଛି । ବନ ଅଧିକାରୀ ସୁମିତ୍ କୁମାର କର କହିଛନ୍ତି, ଢେଙ୍କାନାଳ ଜିଲ୍ଲାରେ ପାଣି, ଖାଦ୍ୟ, ଉନ୍ନତ ପରିବେଶ ଓ ଜଳବାୟୁ ଥିବାରୁ ହାତୀସଂଖ୍ୟା ବୃଦ୍ଧି ପାଉଛି ।

***Desk***

# ହାଇକୋର୍ଟ - ଇ-ଫାଇଲିଂ

ଇ-ଫାଇଲିଂ ନିୟମାବଳୀ-୨୦୨୪ ଆସନ୍ତା ମାସ ୧ ତାରିଖରୁ କାର୍ଯ୍ୟକାରୀ ହେବ । ଏନେଇ ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ହାଇକୋର୍ଟର ମୁଖ୍ୟ ବିଚାରପତି ଏଥିନିମନ୍ତେ ଜୁଲାଇ ୧ ତାରିଖ ସ୍ଥିର କରିଥିବା ଜଣାପଡ଼ିଛି । ସେହି ସମୟରୁ ଜିଲ୍ଲାକୋର୍ଟ ଏବଂ କ୍ରିମିନାଲ୍ କୋର୍ଟଗୁଡ଼ିକରେ ମଧ୍ୟ ଇ-ଫାଇଲିଂ ବ୍ୟବସ୍ଥା ଆରମ୍ଭ ହେବ । ଏହି ପ୍ରକ୍ରିୟାରେ ଆବେଦନକାରୀ ଅନ୍‌ଲାଇନ୍ ଜରିଆରେ ଆବଶ୍ୟକ ତଥ୍ୟ ସହ କେସ୍ ଦାଏର୍ କରିପାରିବେ ।

*Desk*

# ନୀଟ୍ ପରୀକ୍ଷା ଫଳ

ମେଡ଼ିକାଲ ପଠ୍ୟକ୍ରମରେ ନାମଲେଖା ପାଇଁ ନିଟ୍ ପରୀକ୍ଷାରେ ସାରା ଦେଶରୁ ୧୩ ଲକ୍ଷ ୧୬ ହଜାର ୨୬୮ ଜଣ ଛାତ୍ରଛାତ୍ରୀ ର୍ୟାଙ୍କ୍ ପାଇଛନ୍ତି । ଗତକାଲି ନୀଟ୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ୬୭ ଜଣ ଛାତ୍ରଛାତ୍ରୀ ୯୯ ଦଶମିକ ୯/୯ ପ୍ରତିଶତ ସ୍କୋର୍ ହାସଲ କରି ୧ ନମ୍ବର ସ୍ଥାନରେ ରହିଛନ୍ତି । ଓଡ଼ିଶାରୁ ଏହି ପରୀକ୍ଷା ପାଇଁ ୬୪ ହଜାର ୩୩୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୨ ହଜାର ୬୧୭ ଜଣ ର୍ୟାଙ୍କ୍ ପାଇଛନ୍ତି । ରାଜ୍ୟର ୧୧ ଜଣ ଛାତ୍ରଛାତ୍ରୀ ୯୯ ଦଶମିକ ୯/୮ ପ୍ରତିଶତ ନମ୍ବର ରଖି ରାଜ୍ୟର ଟପ୍ପର ହୋଇଥିବା ଜଣାପଡ଼ିଛି । ଚଳିତ ବର୍ଷ ୧୩ଟି ଆଞ୍ଚଳିକ ଭାଷାରେ ନୀଟ୍ ପ୍ରବେଶିକା ପରୀକ୍ଷା ହୋଇଥିଲା । ଏଥିରେ ୧ ହଜାର ୩୧୨ ଜଣ ଛାତ୍ରଛାତ୍ରୀ ଓଡ଼ିଆ ଭାଷାରେ ପରୀକ୍ଷା ଦେଇଥିଲେ ।

*Desk*

# ଫଳରସ ବିଜ୍ଞାପନ

ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ ଫଳରସ ପ୍ୟାକେଟ୍ ଓ ବିଜ୍ଞାପନରୁ ଶତ ପ୍ରତିଶତ ଫଳରସ ଶବ୍ଦ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ସମସ୍ତ ରାଜ୍ୟର ଖାଦ୍ୟ କମିଶନର୍‌ମାନଙ୍କୁ ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାରଣ କଲ୍ୟାଣ

ମନ୍ତ୍ରଣାଳୟ ଚଳିତ ବର୍ଷ ସେପ୍ଟେମ୍ବର ପହିଲା ପୂର୍ବରୁ ଶତ ପ୍ରତିଶତ ଫଳରସ ଲେଖାଥିବା ପ୍ୟାକେଟ୍‌ଗୁଡ଼ିକର ବ୍ୟବହାର ସାରିବାକୁ କହିଛି । କେତେକ ଫଳରସ ପ୍ରସ୍ତୁତକାରୀ କମ୍ପାନୀର ସାମଗ୍ରୀ ପରୀକ୍ଷଣ କରାଯିବା ପରେ ଏଭଳି ଦାବି କରିବାର କୌଣସି ବ୍ୟବସ୍ଥା ନାହିଁ ବୋଲି ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ସ୍ପଷ୍ଟ କରିଛି ।

***Desk, Sonepur/R***

## ସାବିତ୍ରୀ ବ୍ରତ

ସାବିତ୍ରୀ ବ୍ରତ ପାଇଁ ଆଜି ସଧବା ମହିଳାମାନେ ସ୍ୱାମୀଙ୍କର ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରୁଛନ୍ତି । ପୁରାଣ କଥା ଅନୁଯାୟୀ ମହାସତୀ ସାବିତ୍ରୀ ନିଜ ସ୍ୱାମୀଙ୍କୁ ଯମଙ୍କଠାରୁ ଛଡାଇ ଆଣିଥିଲେ । ସେହିପରି ସ୍ତ୍ରୀମାନେ ବହୁ ବାଧାବିଘ୍ନ ଅମଙ୍ଗଳଠାରୁ ଦୂରେଇ ରଖି ସ୍ୱାମୀଙ୍କର ଦୀର୍ଘାୟୁ କାମନା କରିଥାନ୍ତି । ଏହି ଉପଲକ୍ଷେ ବିଭିନ୍ନ ମନ୍ଦିରରେ ସକାଳୁ ଫଳମୂଳ ସହ ମହିଳାମାନେ ପୂଜାର୍ଚ୍ଚନା କରୁଛନ୍ତି ।

ସୁବର୍ଣ୍ଣପୁର ଜିଲ୍ଲାରେ ବ୍ରତଧାରୀ ମହିଳାମାନେ ଅଶ୍ୱତ୍‌ଥ ଗଛକୁ ବନ୍ଦାଣ କରିବା ପରେ ତୁଳସୀ ଚଉରାମୂଳେ ପୂଜାର୍ଚ୍ଚନା କରିଛନ୍ତି ।

ଏହି ଅବସରରେ ରାଜ୍ୟପାଳ ରଘୁବର ଦାସ ଶୁଭେଚ୍ଛା ଜଣାଇ କହିଛନ୍ତି, ଅଖଣ୍ଡ ସୌଭାଗ୍ୟ, ଅତୁଟ ବିଶ୍ୱାସ ଓ ନାରୀ ଇଚ୍ଛାଶକ୍ତିର ପ୍ରତୀକ ହେଉଛି ସାବିତ୍ରୀ ପର୍ବ । ସମସ୍ତ ମା’ ଭଉଣୀଙ୍କ ମନସ୍କାମନା ପୂର୍ଣ୍ଣ ହେଉ ବୋଲି ରାଜ୍ୟପାଳ କାମନା କରିଛନ୍ତି ।

ପବିତ୍ର ସାବିତ୍ରୀ ଅମାବାସ୍ୟାରେ ବି.ଜେ.ପି.ର ବରିଷ୍ଠ ନେତା ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ ସାବିତ୍ରୀ ଅମାବାସ୍ୟାକୁ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଅନନ୍ୟ ପର୍ବ ବୋଲି ବର୍ଣ୍ଣନା କରିଛନ୍ତି ।

***Desk***

## କଳାହାଣ୍ଡି କପ୍

କଟକର ୪ଟି ଖେଳପଡିଆରେ କଳାହାଣ୍ଡି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୁପରଲିଗ୍ ପର୍ଯ୍ୟାୟ ଆରମ୍ଭ ହୋଇଛି । ପ୍ରଥମ ଦିନରେ ଗତକାଲି ଓଡ଼ିଶା-ଏ' ଦଳ ବିଜୟୀ ହୋଇଛି । ରେଭେନ୍ସା ଖେଳପଡ଼ିଆ-୧ରେ ପୂର୍ବତଟ ରେଳବାଇ ବିପକ୍ଷରେ କଟକ-ଏ' ୯୦ ଓଭରରେ ୭ ୱିକେଟ୍ ହରାଇ ୩୨୭ ରନ୍ କରିଥିଲା । ଡ୍ରିମ୍ସ୍ ଖେଳପଡ଼ିଆରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଓଡ଼ିଶା-ଏ' ସତଷଠି ରନ୍‌ରେ ନୟାଗଡ଼କୁ ପରାସ୍ତ କରିଥିବାବେଳେ ବାରବାଟୀ ଷ୍ଟାଡିୟମ୍‌ରେ ଆୟୋଜିତ ମ୍ୟାଚ୍‌ରେ ଭୁବନେଶ୍ୱର-ଏ' ପ୍ରଥମ ଇନିଙ୍ଗ୍‌ସ୍‌ରେ ସମସ୍ତ ୱିକେଟ୍ ହରା ୩୭୦ ରନ୍ କରିଥିଲା । ସେହିପରି କଟକ ସନ୍‌ସାଇନ୍ ଖେଳପଡ଼ିଆରେ ଅବଶିଷ୍ଟ ଓଡ଼ିଶା-ବି' ଦଳ ଭଦ୍ରକଠାରୁ ୧୨୧ ରନ୍‌ରେ ଆଗୁଆ ରହିଛି ।

***Desk***

# ପାଣିପାଗ

ଆସନ୍ତା ତିନିରୁ ଚାରି ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ତେବେ ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଥିବାବେଳେ ମୌସୁମୀ ବାୟୁ ପ୍ରବେଶ ପାଇଁ ପାଗ ଅନୁକୂଳ ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ମୌସୁମୀ ବାୟୁ ପ୍ରଥମେ ଦକ୍ଷିଣ ଓଡ଼ିଶରେ ପ୍ରବେଶ କରିବା ପରେ ଅନ୍ୟ ଅଞ୍ଚଳଗୁଡ଼ିକୁ ସ୍ପର୍ଶ କରିବ । ସାଧାରଣତଃ ଜୁନ୍ ଦ୍ୱିତୀୟ ସପ୍ତାହରେ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରୁଥିବାବେଳେ ଚଳିତ ବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ଏହା କେରଳ ଛୁଇଁଥିବାବେଳେ ରାଜ୍ୟରେ ଖୁବ୍ ଶୀଘ୍ର ପ୍ରବେଶ କରିବ । ଏହାର ପ୍ରଭାବରେ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେବାନେଇ ପୂର୍ବାନୁମାନ କରାଯାଇଛି ।

ଅନ୍ୟପକ୍ଷରେ ଆଜି ୨୫ଟି ଜିଲ୍ଲାରେ କାଳବୈଶାଖୀ ନେଇ ସତର୍କତା ଜାରି କରାଯାଇଛି । କାଳବୈଶାଖୀ ସମୟରେ ଘଡ଼ଘଡ଼ି ସହ ବର୍ଷା ହେବା ସହ ୪୦ରୁ ୫୦ କିଲୋମିଟର ବେଗରେ ପବନ ବହିପାରେ । ଆଜି ରାଜ୍ୟର କେତେକ ଜିଲ୍ଲାରେ ଗ୍ରୀଷ୍ମପ୍ରବାହ ସହ ଗୁଳୁଗୁଳି ଅନୁଭୂତ ହେବା ନେଇ ପୂର୍ବାନୁମାନ କରାଯାଇଛି ।

*****